Techofworld.In

## SET-3

୧. କ୍ରିୟାର ଭାବ କେତେ ଭାଗରେ ବିଭକ୍ତ ସୂଚାଅ ?

(କ) ୨ (ଖ) ୩

(ଗ) ୪ (ଘ) ୫

୨. ଭଦ୍ରଲୋକଙ୍କୁ ସମସ୍ତେ ସମ୍ମାନ ଦେବା ଉଚିତ୍ । ରେଖାଙ୍କିତ ପଦଟିର ବିଭକ୍ତି ସ୍ଥିର କର ?

(କ) ଦ୍ୱିତୀୟା

(ଖ) ଚତୁର୍ଥୀ

(ଗ) ପଞ୍ଚମୀ

(ଘ) ତୃତୀୟା

୩. ବାପା ପ୍ରତିଦିନ ଝିଅକୁ ମନଲାଖି ବସ୍ତୁ ପ୍ରଦାନ କରୁଥିଲେ । ରେଖାଙ୍କିତ ପଦଟିର ବିଭକ୍ତି ସ୍ଥିର କର ?

(କ) ଦ୍ୱିତୀୟା (ଖ) ଚତୁର୍ଥୀ

(ଗ) ପଞ୍ଚମୀ (ଘ) ଷଷ୍ଠୀ

୪. ଲୋକଟି କୃପଣ ଅଟେ । ରେଖାଙ୍କିତ ପଦଟିର ବିଶେଷଣ ନିର୍ଣ୍ଣୟ କର ?

(କ) ଅବସ୍ଥାବାଚକ

(ଖ) ଗୁଣବାଚକ

(ଗ) ବିଧେୟ

(ଘ) ତୁଳନାବାଚକ

୫. ସେହି ଲୋକଟିଏ ଗୋଟିଏ ଚୋର । ରେଖାଙ୍କିତ ପଦଟିର ସର୍ବନାମ ସ୍ଥିର କର ।

(କ) ନିର୍ଣ୍ଣାୟକ (ଖ) ନିର୍ଦ୍ଦେଶାତ୍ମକ

(ଗ) ଆପେକ୍ଷିକ (ଘ) ସମୁଚ୍ଚୟୀ

୬. ଝିଅଟି ବଡ଼ କଳେଇ । ରେଖାଙ୍କିତ ପଦଟି କେଉଁ ଶବ୍ଦାବଳୀରୁ ଆନୀତ ସୂଚାଅ ?

(କ) ତାମିଲ୍ (ଖ) ତେଲୁଗୁ

(ଗ) କନ୍ନଡ଼ (ଘ) ମାଲାୟଲାମ୍

୭. ଯେଉଁ ସମାସରେ ସମସ୍ୟମାନ ପଦଭାବେ ବ୍ୟବହୃତ ପ୍ରତ୍ୟେକ ବିଶେଷ୍ୟ ପଦର ଅର୍ଥଗତ ପ୍ରାଧାନ୍ୟ ରହିଥାଏ, ତାହାକୁ କେଉଁ ସମାସ କୁହାଯାଏ ?

(କ) ଦ୍ୱିଗୁ (ଖ) ଦ୍ୱନ୍ଦ

(ଗ) ବହୁବ୍ରୀହି (ଘ) ତତ୍‌ପୁରୁଷ

୮. ସମାସରେ ଯେଉଁ ବିସ୍ତୃତ ଉକ୍ତିକୁ ସଂକ୍ଷିପ୍ତ କରାଯାଏ, ତାହାକୁ କ'ଣ କୁହାଯାଏ ?

(କ) ସମସ୍ତ ପଦ (ଖ) ବିଗ୍ରହ ବାକ୍ୟ

(ଗ) ସମସ୍ୟମାନ ପଦ

(ଘ) ସମାସ

୯. ନିମ୍ନୋକ୍ତ ବାକ୍ୟମାନଙ୍କ ମଧ୍ୟରୁ ଶୁଦ୍ଧ ବାକ୍ୟକୁ ସୂଚାଅ ।

(କ) ଲୋକଟିର ଦୂରାବସ୍ଥା ଦେଖି ମୁଁ କାନ୍ଦିପକାଇଲି ।

(ଖ) ଗୋଟିଏ ବିଲେଇ ଛୁଆଟିକୁ ମାଙ୍କଡ଼ ଧରି ଚାଲିଗଲା ।

(ଗ) ପିଲାଟି ଭଲ ପାଠ ପଢ଼େ ।

(ଘ) ଅଧିକାଂଶ ପିଲାମାନେ ଅର୍ଥାଭାବ କାରଣରୁ ଅଧାରୁ ପାଠପଢ଼ା ଛାଡ଼ି ଦେଉଛନ୍ତି ।

୧୦. ଦିଲ୍ଲିପ ପରି ଆଦର୍ଶ ଶାସକ ଏ ଜଗତରେ ବିରଳ । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ?

(କ) ଆନୁକ୍ରମିକ (ଖ) ବିକଳ୍ପାଧିକ

(ଗ) ଆଳଙ୍କାରିକ (ଘ) ପଦାନ୍ୱୟୀ

୧୧. ପାପୀ ତା ପାପର ଫଳ ନିଶ୍ଚୟ ଭୋଗିବ । ରେଖାଙ୍କିତ ପଦଟିରେ କେଉଁ ସମ୍ବନ୍ଧେ ଷଷ୍ଠୀ ବିଭକ୍ତିର ପ୍ରୟୋଗ ହୋଇଛି ସୂଚାଅ ?

(କ) ହେତୁ ସମ୍ବନ୍ଧ

(ଖ) କାର୍ଯ୍ୟ-କାରଣ ସମ୍ବନ୍ଧ

(ଗ) ଆଧାରଧେୟ ସମ୍ବନ୍ଧ

(ଘ) ବିଶେଷଣ ସମ୍ବନ୍ଧ

୧୨. ଦୁର୍ଗାଙ୍କ ଦ୍ୱାରା ମହୀଷସୁର ହତ ହେଲା । ରେଖାଙ୍କିତ ଅଂଶରେ ପ୍ରୟୋଗ ତୃତୀୟା ବିଭକ୍ତି କେଉଁ କାରଣରୁ ହୋଇଛି ସୂଚାଅ ?

(କ) କ୍ରିୟା ବିଶେଷଣରେ

(ଖ) କର୍ମବାଚ୍ୟରେ

(ଗ) ହେତୁ ଅର୍ଥରେ

(ଘ) ଫଳପ୍ରାପ୍ତି ଅର୍ଥରେ

୧୩. ରାସ୍ତାରେ ଦୁର୍ଘଟଣା ଦେଖି ଆମେ ସ୍ତବ୍ଧ ହୋଇଗଲୁ । ଉକ୍ତ ବାକ୍ୟର ଶେଷରେ କେଉଁ ଚିହ୍ନର ପ୍ରୟୋଗ ଆବଶ୍ୟକ ସୂଚାଅ ?

(କ) ସେମିକୋଲନ୍ (;)

(ଖ) ପୂର୍ଣ୍ଣଚ୍ଛେଦ (।)

(ଗ) ହାଇଫେନ୍ (-)

(ଗ) ବନ୍ଧନୀ ()

୧୪. ଆଶ୍ୱିନ ମାସରେ ନବରାତ୍ରୀ ଅନୁଷ୍ଠିତ ହୁଏ । ରେଖାଙ୍କିତ ପଦଟିର କାରକ ସ୍ଥିର କର ?

(କ) କରଣ

(ଖ) ଅଧିକରଣ

(ଗ) ଅପାଦାନ

(ଘ) କର୍ମ

Techofworld.In

୧୫. ଆଲେକ୍‌ଜାଣ୍ଡର ମୃତ୍ୟୁରେ ପୃଥିବୀ ସ୍ତମ୍ଭୀଭୂତ ହୋଇଯାଇଥିଲା । ରେଖାଙ୍କିତ ପଦରେ ପ୍ରଯୋଗ ସପ୍ତମୀ ବିଭକ୍ତି କେଉଁ ଅର୍ଥରେ ପ୍ରୟୋଗ ହୋଇଛି ସୂଚାଅ ?

(କ) ଭାବେ ସପ୍ତମୀ

(ଖ) ନିର୍ଦ୍ଧାରଣେ ସପ୍ତମୀ

(ଗ) ଅଧିକରଣେ ସପ୍ତମୀ

(ଘ) ସାଦୃଶ୍ୟ - ଅସାଦୃଶ୍ୟ ଅର୍ଥରେ ସପ୍ତମୀ

୧୬. ଗୁରୁଙ୍କ ଆଶୀର୍ବାଦରୁ ଶିଷ୍ୟର ମଙ୍ଗଳ ହୁଏ । ରେଖାଙ୍କିତ ପଦଟିରେ ବିଭକ୍ତି ସ୍ଥିର କର ?

(କ) ସପ୍ତମୀ (ଖ) ପଞ୍ଚମୀ

(ଗ) ତୃତୀୟା (ଘ) ଦ୍ୱିତୀୟା

୧୭. କାଳେକାଳେ ରାମଚନ୍ଦ୍ରଙ୍କୁ ରାଜ୍ୟବାସୀମାନେ ରଖିଆସିଛନ୍ତି । ରେଖାଙ୍କିତ ପଦଟିରେ ପ୍ରୟୋଗ ସପ୍ତମୀ ବିଭକ୍ତି କେଉଁ ଅର୍ଥରେ ପ୍ରୟୋଗ ହୋଇଛି ସୂଚାଅ ?

(କ) ବୀପ୍‌ସାର୍ଥରେ

(ଖ) ସାଦୃଶ୍ୟ - ଅସାଦୃଶ୍ୟ ଅର୍ଥର

(ଗ) ନିର୍ଦ୍ଧାରଣ ଅର୍ଥରେ

(ଘ) ନିପୁଣାଦି ଶବ୍ଦ ପ୍ରୟୋଗରେ

୧୮. ଭାବୁକର ସ୍ତ୍ରୀଲିଙ୍ଗ ନିରୂପଣ କର ?

(କ) ଭାବୁକା (ଖ) ଭାବୁକୀ

(ଗ) ଉଭୟ ଫକ' ଓ ଫଖ' ଠିକ୍

(ଘ) ଭାବୁକି

୧୯. ସେବା, ଦୟା ଓ ପରୋପକାର ମନୁଷ୍ୟ ଜୀବନକୁ ମହାନ୍ କରେ । ରେଖାଙ୍କିତ ପଦଗୁଡ଼ିକର ବିଶେଷ୍ୟ ସ୍ଥିର କର ?

(କ) ଗୁଣ (ଖ) ଜାତି

(ଗ) ବ୍ୟକ୍ତି (ଘ) କ୍ରିୟା

୨୦. ପ୍ରାତିପଦିକ କାହାକୁ କହନ୍ତି ?

(କ) ପଦ (ଖ) ଶବ୍ଦ

(ଗ) ଉପସର୍ଗ (ଘ) ବିଭକ୍ତି

୨୧. ପରପାଇଁ ଯେ ଅମଙ୍ଗଳ ପାଞ୍ଚେ, ସେ ସେହ ଅମଙ୍ଗଳବରଣ କରେ । ରେଖାଙ୍କିତ ପଦଦ୍ୱୟର ସର୍ବନାମ ସ୍ଥିର କର ।

(କ) ସମୁଚ୍ଚୟୀ (ଖ) ନିର୍ଣ୍ଣାୟକ

(ଗ) ଆପେକ୍ଷିକ (ଘ) ନିର୍ଦ୍ଦେଶାତ୍ମକ

୨୨. ଅତି ବାଲୁଙ୍ଗା ପିଲାଟି ପରୀକ୍ଷାରେ ଫେଲ୍ ହେଲା । ରେଖାଙ୍କିତ ପଦଟିର ବିଶେଷଣ ନିର୍ଣ୍ଣୟ କର ?

(କ) କ୍ରିୟା ବିଶେଷଣ

(ଖ) କ୍ରିୟା ବିଶେଷଣର ବିଶେଷଣ

(ଗ) ବିଶେଷଣର ବିଶେଷଣ

(ଘ) ବିଧେୟ ବିଶେଷଣ

Techofworld.In

Techofworld.In

୨୩. କ୍ରମେକ୍ରମେ ବାଘ ଦେଶରେ ବିରଳ ହୋଇପଡୁଛି ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ?

(କ) ଆନୁକ୍ରମିକ (ଖ) ବୀପ୍‌ସାର୍ଥକ

(ଗ) ଶବ୍ଦାନୁକାରୀ (ଗ) କାଳବୋଧକ

୨୪. ଓଡ଼ିଆ ଭାଷାର ବର୍ଣ୍ଣ ସଂଖ୍ୟା କେତେ ଗୋଟି ଅଟେ ସୂଚଅ ।

(କ) ୪୯ (ଖ) ୫୨

(ଗ) ୫୦ (ଘ) ୫୧

୨୫. 'କ୍ଷ' ଗୋଟିଏ କଣ ସୂଚାଅ ?

(କ) ଯୁକ୍ତାକ୍ଷର

(ଖ) ଅନୁନାସିକ ଯୁକ୍ତାକ୍ଷର

(ଖ) ସ୍ୱର ବର୍ଣ୍ଣ (ଘ) ବ୍ୟଞ୍ଜନ ବର୍ଣ୍ଣ

୨୬. ଙ, ଞ, ଣ, ନ, ମ, ଠ, ଁ ଉକ୍ତ ବର୍ଣ୍ଣ ଗଡ଼ିକ କେଉଁ ଶ୍ରେଣୀର ସୂଚାଅ ?

(କ) ଅଯୋଗାବହ ବର୍ଣ୍ଣ

(ଖ) ଆଶ୍ରିତ ବର୍ଣ୍ଣ

(ଗ) ଅନୁନାସିକ ବର୍ଣ୍ଣ

(ଘ) ସ୍ପର୍ଶ ବର୍ଣ୍ଣ

୨୭. ଯାହାକୁ ଭୋଜନ କରାଯାଏ ..........

(କ) ଭୋଜନ (ଖ) ଖାଦ୍ୟ

(ଗ) ଭୋଜନୀୟ (ଘ) ଭୋଜ୍ୟ

ପ୍ରଶ୍ନ ନଂ ୮୧ ଠାରୁ ୮୫ ପର୍ଯ୍ୟନ୍ତ ବିପରୀତାର୍ଥବୋଧକ ଶବ୍ଦ ନିର୍ଣ୍ଣୟ କର ?

୨୮. ପୁରୋହିତ

(କ) ଶୁଦ୍ର (ଖ) ଯଜମାନ

(ଗ) ଯାଜକ (ଘ) ଅପୁରୋହିତ

୨୯. ଜ୍ୱଳନ୍ତ

(କ) ଅଜ୍ୱଳନ୍ତ (ଖ) ନିର୍ବାପିତ

(ଗ) ଉଭୟେ ଫକ' ଓ ଫଖ' ଠିକ୍

(ଘ) ଉଭୟେ ଫକ' ଓ ଫଖ' ଭୁଲ୍

୩୦. ତୋଷ

(କ) ଅତୋଷ (ଖ) ଦୃଷ୍ଟ

(ଗ) ସନ୍ତୋସ (ଘ) ରୋଷ

୩୧. ଦୁଷ୍କୃତି

(କ) ସୁକୃତ (ଖ) ସୁକୃତି

(ଗ) ସ୍ମୃତି (ଘ) ଅକୃତି

୩୨. ପୁରଙ୍ଗନା

(କ) ଅପୁରାଙ୍ଗନା (ଖ) ବାରାଙ୍ଗନା

(ଗ) ଅଙ୍ଗନା (ଘ) ଅରାଙ୍ଗନା

୩୩. ନିମ୍ନୋକ୍ତ ପଦମାନଙ୍କ ମଧ୍ୟରୁ ଶୁଦ୍ଧି ପଦକୁ ନିର୍ଣ୍ଣୟ କର ।

(କ) ସଂଶୋଧନ (ଖ) ଦାରିଦ୍ରତା

(ଗ) କୃପଣୀ (ଘ) ଶୁଦ୍ରି

Techofworld.In

୩୪. ନିମ୍ନୋକ୍ତ ପଦମାନଙ୍କ ମଧ୍ୟରୁ ଅଶୁଦ୍ଧି ପଦକୁ ସ୍ଥିର କର ।

(କ) ପଟୁତା (ଖ) ଖଣିଜ

(ଗ) ଇଷତ୍ (ଘ) ସଂକ୍ଷେପରେ

୩୫. ଆନୁସଙ୍ଗିକରେ କେଉଁ ଅଶୁଦ୍ଧି ଅଛି ନିର୍ଣ୍ଣୟ କର।

(କ) ବଚନଗତ (ଖ) ଷଦ୍ବିଧିଗତ

(ଗ) ବର୍ଣ୍ଣଗତ (ଘ) ମାତ୍ରାଗତ

୩୬. ଉତ୍ତିର୍ଣ୍ଣରେ କେଉଁ ଅଶୁଦ୍ଧି ଅଛି ସ୍ଥିର କର ?

(କ) ମାତ୍ରାଗତ (ଖ) ବର୍ଣ୍ଣଗତ

(ଗ) ବଚନଗତ (ଘ) ସମାସଗତ

୩୭. ନିମ୍ନୋକ୍ତ ପଦମାନଙ୍କ ମଧ୍ୟରୁ ଶୁଦ୍ଧି ଶବ୍ଦକୁ ନିର୍ଣ୍ଣୟ କର ?

(କ) ନମସ୍କାର (ଖ) ଆଶିଷ

(ଗ) ମନସ୍ଥ (ଘ) ଷଷ୍ଠି

୩୮. ସୁକ୍ତି କେଉଁ ସନ୍ଧି ନିର୍ଣ୍ଣୟ କର ?

(କ) ସ୍ୱର (ଖ) ବ୍ୟଞ୍ଜନ

(ଗ) ବିସର୍ଗ (ଘ) ସନ୍ଧି ନୁହେଁ

୩୯. 'ବ, ଛ, ଜ, ଝ' ଧ୍ୱନିକୁ କ'ଣ କୁହାଯାଏ ?

(କ) ସଂଘର୍ଷୀ (ଖ) ସ୍ପର୍ଶସଂଘର୍ଷୀ

(ଗ) ଉଷ୍ମବର୍ଣ୍ଣ (ଗ) ବର୍ତ୍ସ୍ୟ ଧ୍ୱନି

୪୦. ଉଚ୍ଚାରିତ ଧ୍ୱନିର ଲିଖିତ ରୂପକୁ କ'ଣ କୁହାଯାଏ ।

(କ) ବର୍ଣ୍ଣ

(ଖ) ଶବ୍ଦ

(ଗ) ପଦ

(ଘ) ଭାଷା

୪୧. ଭାବ ପ୍ରକାଶର ମାଧ୍ୟମକୁ କ'ଣ କୁହାଯାଏ ?

(କ) ବାକ୍ୟ (ଖ) ଭାଷା

(ଗ) ଅନୁଚ୍ଛେଦ (ଘ) କଥା

୪୨. ତୁମେ ଯେହେତୁ ପରୀକ୍ଷା ଦେଲନି <u>ତେଣୁ</u> ତୁମେ ଫେଲ୍ ହେଲ । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ।

(କ) ବିଯୋଜକ ଅବ୍ୟୟ

(ଖ) ବିକଳ୍ପାଦକ ଅବ୍ୟୟ

(ଗ) ହେତୁବୋଧକ ଅବ୍ୟୟ

(ଘ) ଆଳଙ୍କରିକ ଅବ୍ୟୟ

୪୩. <u>କିଛି</u> ଲୋକ ପରର ଖୁସିରେ ଖୁସି ହୁଅନ୍ତି । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ?

(କ) ପରିମାଣ ସୂଚକ

(ଖ) କାଳବିଧକ

(ଗ) ଭାବସୂଚକ

(ଘ) ବିକଳ୍ପଦାକ

Techofworld.In

୪୪. ସେ ନିହାତି ମିଛ କଥା କହୁଛି । ରେଖାଙ୍କିତ ପଦଟିର ବିଶେଷଣ ସ୍ଥିର କର ?

(କ) କ୍ରିୟା ବିଶେଷଣର ବିଶେଷଣ

(ଖ) ବିଶେଷଣର ବିଶେଷଣ

(ଗ) ବିଧେୟ ବିଶେଷଣ

(ଘ) ଗୁଣବାଚକ ବିଶେଷଣ

୪୫. ପିଲାଟିର ହୃଦୟ ନିର୍ମଳ । ରେଖାଙ୍କିତ ପଦଟିର ବିଶେଷଣ ସ୍ଥିର କର ।

(କ) ଗୁଣବାଚକ

(ଖ) ବିଧେୟ ବିଶେଷଣ

(ଗ) କ୍ରିୟାବାଚକ

(ଘ) ବିଶେଷଣ ବିଶେଷ୍ୟ

୪୬. ଯେଉଁ ପଦ ଅନ୍ୟପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଓ ନିର୍ଦ୍ଦିଷ୍ଟତାକୁ ପ୍ରକାଶ କରେ ତାହାକୁ କ'ଣ କୁହାଯାଏ ?

(କ) ବିଶେଷ୍ୟ (ଖ) ବିଶେଷଣ

(ଗ) ସର୍ବନାମ (ଘ) କ୍ରିୟା

୪୭. ଯେଉଁପଦ କୌଣସି ବ୍ୟକ୍ତି, ଜାତି, ବସ୍ତୁ, ଗୁଣ ଓ କ୍ରିୟାର ନାମକୁ ବୁଝାଏ ତାହାକୁ କ'ଣ କହନ୍ତି ?

(କ) ବିଶେଷଣ (ଖ) ଅବ୍ୟୟ

(ଗ) ବିଶେଷ୍ୟ (ଘ) ସର୍ବନାମ

୪୮. ଯେଉଁ ପଦ ବିଶେଷ୍ୟ, ବିଶେଷଣ ଓ ବାକ୍ୟାର୍ଥ ପରିବର୍ତ୍ତେ ବ୍ୟବହୃତ ହୁଏ, ତାହାକୁ କ'ଣ କୁହାଯାଏ ?

(କ) ସର୍ବନାମ (ଖ) ଅବ୍ୟୟ

(ଗ) କ୍ରିୟା (ଘ) ବିଶେଷଣ

୪୯. ଯେଉଁପଦ ଲିଙ୍ଗ, ବଚନ, କାଳ ଭେଦରେ କୌଣସି ପରିବର୍ତ୍ତନ ହୁଏ ନାହିଁ, ତାହାକୁ କ'ଣ କୁହାଯାଏ ?

(କ) ବିଶେଷ୍ୟ (ଖ) ଅବ୍ୟୟ

(ଗ) ସର୍ବନାମ (ଘ) କ୍ରିୟା

୫୦. ଅସଙ୍ଗତ ପଦକୁ ପୃଥକ କର ।

(କ) ଚପଳ (ଖ) ଗାଈ

(ଗ) ଛେଳି (ଘ) ମେଣ୍ଢା

୫୧. ସମାଜର ପ୍ରତ୍ୟେକ ଲୋକ ଭଦ୍ର ନୁହନ୍ତି, ରେଖାଙ୍କିତ ପଦଟିର ସର୍ବନାମ ସ୍ଥିର କର ?

(କ) ନିର୍ଦ୍ଦେଶାତ୍ମକ (ଖ) ନିର୍ଣ୍ଣାୟକ

(ଗ) ଆପେକ୍ଷିକ (ଘ) ସମୁଚ୍ଚୟୀ

୫୨. ଏହି ସମ୍ରାଟ ପ୍ରଜାନୁରାଗୀ ଅଟନ୍ତି, ରେଖାଙ୍କିତ ପଦଟିର ବିଶେଷଣ ସ୍ଥିର କର ?

(କ) ସାର୍ବନାମର ବିଶେଷଣ

(ଖ) ସାର୍ବନାମିକ

(ଗ) ବିଧେୟ (ଘ) ତୁଳନାତ୍ମକ

୫୩. ଏଣୁ ତେଣୁ ଗପରେ ସମୟ ନଷ୍ଟ କରିବା ଉଚିତ ନୁହେଁ, ରେଖାଙ୍କିତ ପଦଟିର ସର୍ବନାମ ସ୍ଥିର କର ?

(କ) ନିର୍ଦ୍ଦେଶାତ୍ମକ (ଖ) ପୁରୁଷ ବାଚକ

(ଗ) ନିର୍ଣ୍ଣାୟକ (ଘ) ଆପେକ୍ଷିକ

୫୪. ସମସ୍ତେ ଦେଖୁ ଦେଖୁ ପିଲାଟି ଛାତରୁ ଡ଼େଇଁ ମୃତ୍ୟୁବରଣ କଲା, ରେଖାଙ୍କିତ ପଦରେ ପ୍ରୟୋଗ ଅସମାପିକା କ୍ରିୟା କେଉଁ ଅର୍ଥରେ ପ୍ରୟୋଗ ହୋଇଛି ସୂଚାଅ ?

(କ) ଦୁଇଟି କାର୍ଯ୍ୟ ଏକା ସମୟରେ ହେଉଥିଲେ

(ଖ) ଦୁଇଟି କାର୍ଯ୍ୟ ଆଗପଛ ହେଉଥିଲେ

(ଗ) ଗୋଟିଏ କାର୍ଯ୍ୟ ଫଳରୁ ଅନ୍ୟଟି ଘଟିବନି

(ଘ) ହେତୁ ବା କାରଣ ଅର୍ଥ ବୁଝାଇଲେ ।

୫୫. ସମାସରେ ଦୁଇ ବା ତତୋଧିକ ପଦର ସମ୍ମିଶ୍ରଣରେ ଗଠିତ ହେଉଥିବା ପଦକୁ କ'ଣ କୁହାଯାଏ ?

(କ) ସମସ୍ତ ପଦ

(ଖ) ସମସ୍ୟମାନ ପଦ

(ଗ) ବିଗ୍ରହ ବାକ୍ୟ

(ଘ) ବ୍ୟାସ ବାକ୍ୟ

୫୬. 'ଆଘାତ'ର ବିଶେଷ ପଦ ନିର୍ଣ୍ଣୟ କର ?

(କ) ଅନାଘାତ (ଖ) ଆହାତ

(ଗ) ଘାତ (ଘ) ପ୍ରତିଘାତ

୫୭. ଗୋଲାପ ଉଦ୍ୟାନରେ ସୁନ୍ଦର ଦେଖାଯାଉଛି, ରେଖାଙ୍କିତ ପଦଟିର କାରକ ସ୍ଥିର କର ?

(କ) ଅପାଦାନ (ଖ) କରଣ

(ଗ) ସଂପ୍ରଦାନ (ଘ) ଅଧିକରଣ

୫୮. କାରକ କେତେ ଭାଗରେ ବିଭକ୍ତ ସୂଚାଅ ?

(କ) ୫ (ଖ) ୬

(ଗ) ୭ (ଘ) ୪

୫୯. ଚୋରକୁ ଶାସ୍ତି ଦିଅ, ରେଖାଙ୍କିତ ପଦଟିର କାରକ ସ୍ଥିର କର ?

(କ) କର୍ମ କାରକ (ଖ) କରଣ କାରକ

(ଗ) ସଂପ୍ରଦାନ କାରକ

(ଘ) ଅଧିକରଣ କାରକ

୬୦. ରାଧାନାଥ ରାୟ ପରବର୍ତ୍ତୀ କବିମାନଙ୍କର ଅନୁକରଣୀୟ, ରେଖାଙ୍କିତ ପଦଟି କେଉଁ ସମ୍ବନ୍ଧେ ଷଷ୍ଠୀ ବିଭକ୍ତିର ପ୍ରୟୋଗ ହୋଇଛି ସୂଚାଅ ।

(କ) ବିଶେଷଣ ସମ୍ବନ୍ଧ

(ଖ) ନିର୍ଦ୍ଧାରଣ ସମ୍ବନ୍ଧ

(ଗ) ବ୍ୟାପ୍ତି ସମ୍ବନ୍ଧ

(ଘ) କାର୍ଯ୍ୟକରଣ ସମ୍ବନ୍ଧ

Techofworld.In

Techofworld.In

୬୧. "ତତମେ ଯଦି ମୋ କଥା ଅନୁସାରେ କାମ କରିଥାନ୍ତ, ଆଜି ତୁମେ ଅସୁବିଧାରେ ପଡ଼ିନଥାନ୍ତ ।" ଉକ୍ତ ବାକ୍ୟଟି ଗଠନ ଦୃଷ୍ଟିରୁ କେଉଁ ଶ୍ରେଣୀର ନିର୍ଣ୍ଣୟକର ?

(କ) ସରଳ (ଖ) ଜଟିଳ

(ଗ) ଯୌଗିକ (ଘ) ମିଶ୍ର

୬୨. "ଯଦି ପ୍ରକୃତରେ ତୁମେ ମୋ କଥା ମାନୁ ଥାଅ, ତେବେ ମୋର ନିଷ୍ପତ୍ତି ଗ୍ରହଣ ଏବଂ ପରିସ୍ଥିତିକୁ ସାମ୍ନା କର," ଉକ୍ତ ବାକ୍ୟଟି ରୂପ ଦୃଷ୍ଟିରୁ କେଉଁ ଶ୍ରେଣୀର ନିର୍ଣ୍ଣୟ କର ?

(କ) ସରଳ (ଖ) ଜଟିଳ

(ଗ) ଯୌଗିକ (ଘ) ମିଶ୍ର

୬୩. "ଆମ ବିଦ୍ୟାଳୟରେ ଭଲ ପଢ଼ାହୁଏ," ଉକ୍ତ ବାକ୍ୟର ବାଚ୍ୟ ସ୍ଥିର କର ?

(କ) କର୍ତ୍ତୃ (ଖ) କର୍ମ

(ଗ) ଭାବ (ଘ) ବାଚ୍ୟ ନୁହେଁ

୬୪. ଛନ୍ଦ କେତେ ଭାଗରେ ବିଭକ୍ତ ?

(କ) ୨ (ଖ) ୪

(ଗ) ୩ (ଘ) ୫

୬୫. 'ଗରାଖ' ଶବ୍ଦଟି କେଉଁ ଶବ୍ଦାବଳୀରୁ ଆନୀତ ସୂଚାଅ ?

(କ) ତତ୍ ସମ୍ (ଖ) ତଦ୍‌ଭାବ

(ଗ) ଅର୍ଦ୍ଧ (ଘ) ପତତ୍ରୀ

୬୬. 'କୁଣ୍ଡେଇ' କେଉଁ ଦେଶଜ ଶବ୍ଦାବଳୀ ନିର୍ଣ୍ଣୟ କର ?

(କ) ସଉରା (ଖ) ସାନ୍ତାଳ

(ଗ) ମୁଣ୍ଡା (ଘ) ହୋ

**ନିମ୍ନୋକ୍ତ ଅନୁଚ୍ଛେଦ ପଠନ ପୂର୍ବକ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଣ୍ଣୟ ୬୭ ରୁ ୭୧ ପର୍ଯ୍ୟନ୍ତ କର ?**

ଜଗତ ସୃଷ୍ଟିର କରିବା ଉଦ୍ଦେଶ୍ୟର ଭଗବାନ ମହାଶୂନ୍ୟରୁ ସୃଷ୍ଟିକଲେ ପଞ୍ଚକଳା, ଯଥା- ଉର୍ମି, ଧର୍ମ, ଜ୍ୟୋତି, ଜ୍ୱାଳା ଓ ବିନ୍ଦୁ । ଏହି ପଞ୍ଚକଳା ଅନନ୍ତ ସାଗରରେ ନିକ୍ଷିପ୍ତ ହେଲା ପରି ସେଥିରୁ ସୃଷ୍ଟି ହୋଇଥିଲେ ଯୋଗମାୟା, ଯୋଗମାୟା ହେଲେ ଆଦ୍ୟାଶକ୍ତି ବା ଅର୍ଦ୍ଧମାତ୍ରା । ଏହାପରେ ସ୍ୱୟଂ ଭଗବାନ ପ୍ରକୃତିରୂପିଣୀ ଯୋଗମାୟାଙ୍କଠାରେ ନିଜ କଳାକୁ ଅନୁପ୍ରବେଶ କରାଇ ଦୁଇ ମୂର୍ତ୍ତି ସୃଷ୍ଟି କଲେ । ସେ ହେଲେ ଜୀବ-ପରମ ବା ରାଧାକୃଷ୍ଣ । ଯେତେବେଳେ ଏହି ଜୀବ ପରମ ସମାଧିସ୍ଥି ସେତେବେଳେ ସେମାନେ ଲୀଳା ଶୂନ୍ୟ । ଯେତେବେଳେ ସେମାନେ ଲୀଳା ପ୍ରକଟରେ ଆଗ୍ରହୀ ସେତେବେଳେ ସେମାନେ ଲୀଳାମୟ । ଏହି ଜୀବ ପରମଙ୍କର ଲୀଳା କାଳରେ ଭଗବାନଙ୍କର ବାଖ୍ୟାନ ଶୁଣି ରାଧାଙ୍କ ଅଙ୍ଗରୁ ସ୍ୱେଦବିନ୍ଦୁ ନିର୍ଗତ ହୋଇଛି । ତାପରେ ଏହି ସ୍ୱେଦବିନ୍ଦୁ କ୍ଷୀରସାଗରରେ ନିପତିତ ହେବାରୁ ନୀଳକନ୍ୟାର ସୃଷ୍ଟି ହୋଇଛି । ସେହି କନ୍ୟା ବ୍ରହ୍ମଙ୍କ ସଦନରେ ଅବସ୍ଥାନ କରି ବିଷ୍ଣୁଙ୍କୁ ପତି ରୂପେ ଲାଭ କରିବା ନିମିତ୍ତ ଗଙ୍ଗା କୂଳରେ ବାଲୁକା ପୂଜା କରିବ, ଏକଦା ଜନୈକ ଯୋଗୀ ଏହି ନୀଳକନ୍ୟାର ସୌନ୍ଦର୍ଯ୍ୟରେ

Techofworld.In

ମୁଗଧ ହୋଇ ତାକୁ ପାଇବା ପାଇଁ ଅଶା ପୋଷଣ କରିଛନ୍ତି । ଫଳରେ ନୀଳକନ୍ୟାର କ୍ରୋଧରେ ଅଭିଶପ୍ତ ହୋଇଯୋଗୀ ଜଣକ ନଂପୁସକ ହୋଇଛନ୍ତି, ଏହି ଯୋଗୀ ନୀଳକନ୍ୟାକୁ ପାଇବା ପାଇଁ ତପସ୍ୟାରେ କୃଷ୍ଣଙ୍କୁ ସନ୍ତୁଷ୍ଟ କରି ଦ୍ୱାପର ଯୁଗରେ ଚନ୍ଦ୍ରସେଣା ଭାବେ ଜନ୍ମ ହେବାର ବର ଲାଭ କରିଛନ୍ତି । ବ୍ରହ୍ମ ଏହି ନୀଳକନ୍ୟାକୁ ଅଜ୍ଞାନ କୁଣ୍ଡରେ ବୁଡ଼ାଇ କାଳିନ୍ଦୀର ପଦ୍ମବନରେ ଥୋଇଦେଲେ ।

ଗୋକୁଳ ନିବାସୀ ସାମନ୍ତରାଜ ବୃଷଭାନୁଙ୍କ ରାଣୀ କୀର୍ତ୍ତିଦା ପୁଷ୍କରିଣୀ ସ୍ନାନ କରିବାକୁ ଯିବା ସମୟରେ ଏକ ପରିସ୍ଫୁଟିତ କଇଁଫୁଲ ଉପରେ ଶିଶୁକନ୍ୟାଟି ଶୋଇଥିବାରୁ ଦେଖି ଘରକୁ ନେଇ ଆସିଥିଲେ । ରାଣୀ କୀର୍ତ୍ତିଦା ଗୋପେସ୍ୱରଙ୍କୁ ପୂଜା କରି ଶ୍ରୀ ରାଧାଙ୍କୁ ପାଇଥିଲେ । କ୍ଷୀର ସାଗରରୁ ଲକ୍ଷ୍ମୀ ଜନ୍ମ ନେଲା ପରି କୀର୍ତ୍ତିଦା ରାଧାଙ୍କୁ ଜନ୍ମ ଦେଇଥିଲେ ।

୬୭. ଭଗବାନ କାହା ପାଖରେ ନିଜ କଳାକୁ ଅନୁପ୍ରବେଶ କରାଇଥିଲେ ?

(କ) ରାଧା (ଖ) ଯୋଗମାୟା

(ଗ) ନୀଳକନ୍ୟ (ଘ) କିର୍ତ୍ତିଦା

୬୮. ଅସଙ୍ଗତ ପଦକୁ ପୃଥକ କର ?

(କ) ଯୋଗମାୟା (ଖ) ଆଦ୍ୟାଶକ୍ତି

(ଗ) ଅର୍ଦ୍ଧମାତ୍ର (ଘ) ନୀଳକନ୍ୟା

୬୯. କଇଁଫୁଲ ଉପରେ ଶୋଇ ରହିଥିବା କନ୍ୟାଟି କିଏ ?

(କ) ଯୋଗମାୟା (ଖ) ଶ୍ରୀରାଧା

(ଗ) ନୀଳକନ୍ୟା (ଘ) ଆଦ୍ୟାଶକ୍ତି

୭୦. କିଏ ବିଷ୍ଣୁଙ୍କୁ ପତି ରୂପେ ଲାଭ କରିବାକୁ ପୂଜା କରିଥିଲେ ?

(କ) ଶ୍ରୀରାଧା (ଖ) ଲକ୍ଷ୍ମୀ

(ଗ) ନୀଳକନ୍ୟା (ଘ) ଯୋଗମାୟା

୭୧. କିଏ ଶାପଗ୍ରସ୍ତ ହୋଇ ଚନ୍ଦ୍ରସେଣା ଭାବେ ଜନ୍ମ ନେଇଥିଲେ ।

(କ) ବୃଷଭାନୁ (ଖ) ଜନୈକ

(ଗ) ବିଷ୍ଣୁ (ଘ) ସାମନ୍ତ ରାଜା

୭୨. ଜଳ <u>ବିନା</u> ଜୀବନ ନାହିଁ । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ?

(କ) ଭାବସୂଚକ (ଖ) ପଦାନ୍ୱୟୀ

(ଗ) ବିଯୋଜକ (ଘ) ବିକଳ୍ପାଧିକ

୭୩. ଶିକ୍ଷକଙ୍କ <u>କୃପାରେ</u> ମଙ୍ଗଳ ହୁଏ । ରେଖାଙ୍କିତ ପଦଟିର ବିଭକ୍ତି ସ୍ଥିର କର ?

(କ) ସପ୍ତମୀ (ଖ) ତୃତୀୟା

(ଗ) ପଞ୍ଚମୀ (ଘ) ଦ୍ୱିତୀୟା

୭୪. ଆଜିକାଲି <u>ଘରେଘରେ</u> ମୋବାଇଲ୍ ଫୋନ୍ ଦେଖିବାକୁ ମିଳୁଛି । ରେଖାଙ୍କିତ ପଦଟିର ବିଭକ୍ତି ସ୍ଥିର କର ?

(କ) ତୃତୀୟ (ଖ) ସପ୍ତମୀ

(ଗ) ପଞ୍ଚମୀ (ଘ) ଷଷ୍ଠୀ

Techofworld.In

୭୫. ବନ୍ଧୁମାନଙ୍କ <u>ସହ</u> ସଦ୍‌ଭାବନା ରଖ । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ?

(କ) ପରାସର୍ଗାତ୍ମକ

(ଖ) ପଦାନ୍ୱୟୀ

(ଗ) ସଂଯୋଜକ

(ଘ) ଉଭୟେ କ ଓ ଖ ଠିକ୍

୭୬. ଭଗବାନଙ୍କର ଦାନ ଅତୁଳନୀୟ । ରେଖାଙ୍କିତ ପଦଟିର କେଉଁ ସମ୍ବନ୍ଧେ ଷଷ୍ଠୀ ବିଭକ୍ତି ନିର୍ଣ୍ଣୟ କର ?

(କ) ବିଶେଷଣ ସମ୍ବନ୍ଧ

(ଖ) କାର୍ଯ୍ୟକାରଣ ସମ୍ବନ୍ଧ

(ଗ) ବ୍ୟାପ୍ତି ସମ୍ବନ୍ଧ

(ଘ) ନିମିତ୍ତ ସମ୍ବନ୍ଧ

୭୭. <u>ଯାଆନ୍ତୁ</u> । ରେଖାଙ୍କିତ ଅଂଶର ବାଚ୍ୟ ନିରୂପଣ କର ?

(କ) କର୍ତ୍ତୃ (ଖ) କର୍ମ

(ଗ) ଭାବ (ଘ) ବାଚ୍ୟ ନୁହେଁ

୭୮. ବାକ୍ୟର ପ୍ରକାଶଭଙ୍ଗୀ ଶୈଳୀକୁ କ'ଣ କୁହାଯାଏ ।

(କ) ବାକ୍ୟ (ଖ) ବାଚ୍ୟ

(ଗ) ଭାଷା (ଘ) ଶବ୍ଦ

୭୯. ବାଚ୍ୟ କେତେ ଭାଗରେ ବିଭକ୍ତ ନିର୍ଣ୍ଣୟ କର ।

(କ) ୨ (ଖ) ୩

(ଗ) ୪ (ଘ) ୫

୮୦. ଷଡ଼ରିପୁ କେଉଁ ସମାସ ସ୍ଥିର କର ।

(କ) ଦ୍ୱିଗୁ (ଖ) ଦ୍ୱନ୍ଦ

(ଗ) କର୍ମଧାରୟ (ଘ) ତତ୍‌ପୁରୁଷ

୮୧. କବିବର ରାଧାନାଥ ରାୟଙ୍କ ଚିଲିକା କାବ୍ୟରେ କେଉଁ ଛନ୍ଦର ପ୍ରୟୋଗ ହୋଇଛି ସୂଚାଅ ?

(କ) ନଟବାଣୀ

(ଖ) ବିଭାସ କେଦାର

(ଗ) ଦାଣ୍ଡିବୃତ୍ତ

(ଘ) ଉଭୟେ କ ଓ ଖ ଠିକ୍

୮୨. ତାଙ୍କର ....... ଦେଖି ମୁଁ ଖୁସି ହୋଇଗଲି । ଉପଯୁକ୍ତ ପଦ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ?

(କ) ଭଦ୍ରାମି

(ଖ) ଭଦ୍ରତା

(ଗ) ଭଦ୍ରାତ୍ୟ

(ଘ) ଏଗୁଡ଼ିକ ମଧ୍ୟରୁ କେଉଁଟି ବି ନୁହେଁ

୮୩. ଅସଙ୍ଗତ ପଦକୁ ସୂଚାଅ ?

(କ) ପର୍ବ (ଖ) ସ୍ୱପନ

(ଗ) ମୂର୍ତ୍ତି (ଘ) ନଗ୍ର

Techofworld.In

୮୪. ଯେଉଁ ପଦ ଲିଙ୍ଗ, ବଚନ, କାଳ ଓ ବିଭକ୍ତ ଭେଦରେ କୌଣସି ପରିବର୍ତ୍ତନ ହୋଇନଥାଏ, ତାହାକୁ କ'ଣ କହନ୍ତି ?

(କ) ସମାସ (ଖ) ସର୍ବନାମ

(ଗ) ଅବ୍ୟୟ (ଘ) ବିଭକ୍ତ

୮୫. ଉତ୍ପତ୍ତି ଦୃଷ୍ଟିରୁ ଧାତୁକୁ କେତେ ଭାଗରେ ବିଭକ୍ତ କରାଯାଇଛି ନିର୍ଣ୍ଣୟ କର ।

(କ) ୩ (ଖ) ୨

(ଗ) ୪ (ଘ) ୫

୮୬. କ୍ରିୟାର ମୂଳ ଉତ୍ସକୁ କ'ଣ କୁହାଯାଏ ?

(କ) ଧାତୁ (ଖ) ଅବ୍ୟୟ

(ଗ) ସମାସ (ଘ) କୃଦନ୍ତ

୮୭. ଶିଶୁଟିକୁ <u>ବୁଝେଇବା</u> ଭାରି କଷ୍ଟ । ରେଖାଙ୍କିତ ପଦଟିର କ୍ରିୟା ସ୍ଥିର କର ।

(କ) ପ୍ରେରଣାର୍ଥକ (ଖ) ସମାପିକା

(ଗ) ନାମଧାତୁ କ୍ରିୟା

(ଘ) ଯୌଗିକ କ୍ରିୟା

୮୮. ବର୍ତ୍ତମାନ ସେ ପ୍ରବନ୍ଧ <u>ପଢୁଥିବେ</u> । ରେଖାଙ୍କିତ କ୍ରିୟାର କାଳ ନିର୍ଣ୍ଣୟ କର ?

(କ) ସାଧାରଣ ବର୍ତ୍ତମାନ

(ଖ) ଅସଂପନ୍ନ ବର୍ତ୍ତମାନ

(ଗ) ସଂପନ୍ନ ବର୍ତ୍ତମାନ

(ଘ) ଅସଂପନ୍ନ ଭବିଷ୍ୟତ

୮୯. ଶିକ୍ଷକ ଛାତ୍ରମାନଙ୍କୁ ବ୍ୟାକରଣ ବୁଝାଉଥିଲେ। ଉକ୍ତ ବାକ୍ୟରେ କ୍ରିୟାର କାଳ ନିର୍ଣ୍ଣୟ କର ?

(କ) ଅସମ୍ପନ୍ନ ଅତୀତ

(ଖ) ସମ୍ପନ୍ନ ଅତୀତ

(ଗ) ସାଧାରଣ ଅତୀତ

(ଘ) ଅସମ୍ପନ୍ନ ବର୍ତ୍ତମାନ

୯୦. ରୂପସୂଚକ ବାକ୍ୟକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

(କ) ୪ (ଖ) ୩

(ଗ) ୨ (ଘ) ୫

୯୧. ନିଶାପାନ କର ନାହିଁ । ବାକ୍ୟର ଭାବ ଦୃଷ୍ଟିରୁ କେଉଁ ଶ୍ରେଣୀର ନିର୍ଣ୍ଣୟ କର ?

(କ) ବିବୃତ୍ତି ସୂଚକ

(ଖ) ପ୍ରଶ୍ନ ସୂଚକ

(ଗ) ବିସ୍ମୟ ସୂଚକ

(ଘ) ଆଦେଶାତ୍ମକ

୯୨. ଲୋକଟି <u>ଚଳନ୍ତା</u> ଗାଡ଼ିରୁ ପଡ଼ିଗଲା । ରେଖାଙ୍କିତ ପଦଟିରେ ବିଶେଷଣ ସ୍ଥିର କର ?

(କ) କ୍ରିୟା ବିଶେଷ୍ୟ

(ଖ) କ୍ରିୟାଜ ବିଶେଷଣ

(ଗ) ବିଶେଷଣର ବିଶେଷଣ

(ଘ) କ୍ରିୟା ବିଶେଷଣର ବିଶେଷଣ

Techofworld.In

୯୩. 'ପୁଅଟି' ତଦ୍ଧିତ ପଦଟିରେ କେଉଁ ଅର୍ଥରେ 'ଟି' ପ୍ରତ୍ୟୟର ସଂଯୋଗ ହୋଇଛି ସୂଚାଅ।

(କ) ଆଦର ଅର୍ଥରେ

(ଖ) ଅନାଦାର ଅର୍ଥରେ

(ଗ) ଅସହାୟ ଅର୍ଥରେ

(ଘ) ଅଧିକାର ଅର୍ଥରେ

୯୪. ରୂଢ଼ି କେତେ ଭାଗରେ ବିଭକ୍ତ ସୂଚାଅ ?

(କ) ୩ (ଖ) ୫

(ଗ) ୨ (ଘ) ୪

୯୫. ଅସଙ୍ଗତ ପଦକୁ ସୂଚାଅ ?

(କ) ଆ (ଖ) ଇ

(ଗ) ୧୧ (ଘ) ୭

୯୬. ଯାନ, ବାହନ ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟ ଦର୍ଶାଅ ?

(କ) ଜୀବନ୍ତ ବାହାକ, ନିର୍ଜୀବ ବାହକ

(ଖ) ନିର୍ଜୀବ ବାହକ, ଜୀବନ୍ତ ବାହକ

(ଗ) ଉଭୟେ କ ଓ ଖ ଠିକ୍

(ଘ) ଉଭୟେ କ ଓ ଖ ଭୁଲ୍

**ନିମ୍ନୋକ୍ତ ୯୭ ରୁ ୧୦୦ ପ୍ରଶ୍ନର ପ୍ରତିଶବ୍ଦ ନିର୍ଣ୍ଣୟ କର**

୯୭. 'ପିଙ୍ଗ'

(କ) ବିବସ୍ୱାନ (ଖ) ପ୍ଲବଗ

(ଗ) ଅର୍ଣ୍ଣବ (ଘ) ଅହି

୯୮. 'ବନଜ'

(କ) ନଳିନୀ (ଖ) ବିଟପୀ

(ଗ) ପ୍ରଭଞ୍ଜନ (ଘ) ଦ୍ୱିଜ

୯୯. 'କେଶରୀ'

(କ) ପଞ୍ଚାସ୍ୟ (ଖ) ସାରଙ୍ଗ

(ଗ) ହୟ (ଘ) ପ୍ରଦୋଷ

୧୦୦. 'ପୁଣ୍ଡରୀକ'

(କ) କ୍ଷଣପ୍ରଭା (ଖ) ତଡ଼ିତ୍

(ଗ) ସରୋଜ (ଘ) କ୍ଷମା

Techofworld.In

## SET-3

| | | | | | | | | | |
|---|---|---|---|---|---|---|---|---|---|
| ୧. (କ) | ୨. (କ) | ୩ (ଖ) | ୪. (ଗ) | ୫. (ଖ) | ୬. (କ) | ୭. (ଖ) | ୮. (ଖ) | ୯. (ଗ) | ୧୦ (ଘ) |
| ୧୧. (ଖ) | ୧୨. (ଖ) | ୧୩ (ଖ) | ୧୪. (କ) | ୧୫. (ଖ) | ୧୬. (କ) | ୧୭. (ଗ) | ୧୮. (କ) | ୧୯. (ଖ) | ୨୦ (ଗ) |
| ୨୧. (ଗ) | ୨୨. (କ) | ୨୩ (କ) | ୨୪. (କ) | ୨୫. (ଗ) | ୨୬. (ଘ) | ୨୭. (ଖ) | ୨୮. (ଖ) | ୨୯. (ଘ) | ୩୦ (ଖ) |
| ୩୧. (ଖ) | ୩୨. (କ) | ୩୩ (କ) | ୩୪. (ଖ) | ୩୫. (ଖ) | ୩୬. (କ) | ୩୭. (କ) | ୩୮. (କ) | ୩୯. (ଖ) | ୪୦ (କ) |
| ୪୧. (ଖ) | ୪୨. (ଗ) | ୪୩ (କ) | ୪୪. (କ) | ୪୫. (ଖ) | ୪୬. (ଖ) | ୪୭. (ଗ) | ୪୮. (କ) | ୪୯. (ଖ) | ୫୦ (କ) |
| ୫୧. (ଖ) | ୫୨. (ଖ) | ୫୩ (କ) | ୫୪. (କ) | ୫୫. (କ) | ୫୬. (ଖ) | ୫୭. (କ) | ୫୮. (ଖ) | ୫୯. (କ) | ୬୦ (ଖ) |
| ୬୧. (ଖ) | ୬୨. (ଖ) | ୬୩ (ଗ) | ୬୪. (କ) | ୬୫. (ଖ) | ୬୬. (କ) | ୬୭. (ଖ) | ୬୮. (ଘ) | ୬୯. (ଖ) | ୭୦ (ଗ) |
| ୭୧. (ଖ) | ୭୨. (ଖ) | ୭୩ (ଖ) | ୭୪. (ଖ) | ୭୫. (ଘ) | ୭୬. (କ) | ୭୭. (କ) | ୭୮. (ଖ) | ୭୯. (ଖ) | ୮୦ (କ) |
| ୮୧. (ଘ) | ୮୨. (କ) | ୮୩ (ଖ) | ୮୪. (ଗ) | ୮୫. (ଖ) | ୮୬. (କ) | ୮୭. (ଗ) | ୮୮. (ଘ) | ୮୯. (କ) | ୯୦ (ଖ) |
| ୯୧. (ଘ) | ୯୨. (ଖ) | ୯୩ (କ) | ୯୪. (କ) | ୯୫. (ଘ) | ୯୬. (ଖ) | ୯୭. (ଖ) | ୯୮. (କ) | ୯୯. (କ) | ୧୦୦ (ଗ) |